## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଗିରଫ

ବ୍ରହ୍ମପୁର ଅଫିସ,୭।୭: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ଆହାର କେନ୍ଦ୍ରର ଜଣେ ମହିଳା କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବି. ନୂଆଗାଁର ଅନିଲ ଦାସ। ମାମଲା ନମ୍ବର ୨୩୦/୨୨ରେ ଅନିଲଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବଡଖେମୁଣ୍ଡି ସାହିର ଅଭିଯୋଗକାରୀ ମହିଳା ଜଣକ ଏକ ଆହାର କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେହି କେନ୍ଦ୍ରକୁ ଖାଇବାକୁ ଯାଇଥିବା ଜଣେ ଯୁବକ କୌଣସି କାରଣକୁ କେନ୍ଦ୍ର କରି ସେଠାରେ ଥିବା ଖାଦ୍ୟ ଥାଳିଗୁଡିକ ଫିଙ୍ଗାଫୋପଡା କରିଥିଲେ। ସେହିପରି ସେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏହା ଦେଖି ମହିଳା କର୍ମଚାରୀ ଜଣକ ଏହାର ପ୍ରତିବାଦ କରିବା ସହ କାହିଁକି ଗାଳିଗୁଲଜ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକ ଜଣଙ୍କ ଏକ ବାଡିରେ ମହିଳାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ମହିଳା ଜଣଙ୍କ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୁଣ୍ଡରେ ୭/୮ ସିଲେଇ ହୋଇଛି ବୋଲି ପୋଲିସ କହିଛି।

### ପୋକ୍‌ସୋ କୋର୍ଟ ପିପି ମୋହନ ସିଂଘାରୀଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର ଅଫିସ,୭।୭: ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ମୋହନ ସିଂଘାରୀ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ପିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପିପି ସିଂଘାରୀଙ୍କୁ କୋର୍ଟର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ କହିଛନ୍ତି, କୋର୍ଟରେ ଏବେ ୨ଶହରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେଗୁଡିକର ଠିକ୍ ଭାବେ ପରିଚାଳନା କରାଯିବ ।

### ବ୍ରହ୍ମପୁରରେ କନ୍ନଡ଼ ସିନେ ଖଳନାୟକ ରାମ ବୁଗାତି




ବ୍ରହ୍ମପୁର ଅଫିସ,୭।୭-ଅବସରପ୍ରାପ୍ତ ସେନା ହାବିଲଦାର ସୀମାଞ୍ଚଳ ବାରିକଙ୍କ ଫିଜିକାଲ ଏକାଡେମୀରେ ବାଂଲାଦେଶୀ ମହିଳା କ୍ରିକେଟ ଖେଳାଳି ସଂଜିଦା ଅକ୍‌ତାର ମେଘଲା ଟ୍ରେନିଂ ଗ୍ରହଣ କରିବା ନିମନ୍ତେ ବ୍ରହ୍ମପୁର ଆସିଥିଲେ। ଏବେ କିଛି ଦିନ ପୂର୍ବରୁ ଆଉଜଣେ କନ୍ନଡ଼ ସିନେମାରେ ଅଭିନୟ କରୁଥିବା ଜଣାଶୁଣା ଖଳନାୟକ ରାମ ବୁଗାତି ନିଜର ଓଜନ କମାଇବା ନିମନ୍ତେ ପହଞ୍ଚିଛନ୍ତି ବ୍ରହ୍ମପୁର ଫିଜିକାଲ ଏକାଡେମୀରେ। ରାମ ଆସନ୍ତା ୨୮ରେ ସାରା ଭାରତରେ ୬ଟି ଭାଷାରେ ରିଲିଜ ହେବାକୁ ଥିବା ଫିଲ୍ମ ବିକ୍ରାନ୍ତ ରୋନାରେ ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମ ଶୁଟିଂ ସରିବା ପରେ ସେ ବ୍ରହ୍ମପୁରରେ ଫିଜିକାଲ ଏକାଡେମୀରେ ପହଞ୍ଚିଥିବା କହିଛନ୍ତି।

# ବ୍ରହ୍ମପୁର ସହରରେ ବଢୁଛି ସାଇବର ଠକେଇ

ବ୍ରହ୍ମପୁର ଅଫିସ,୭।୭

ଗଞ୍ଜାମ ଜିଲାରେ ସାଇବର ଅପରାଧୀମାନେ ଏବେ ତାଙ୍କ ଜାଲ ବିଛାଇ ଚାଲିଛନ୍ତି। ବିଭିନ୍ନ ଆଳରେ ଏହି ଠକ ଗ୍ୟାଙ୍ଗ ଲୋକମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ପୋଲିସ ଏହି ସାଇବର ଅପରାଧୀଙ୍କୁ ଟ୍ରାକିଂ କରି ଧରିପାରୁ ନ ଥିବା ଜଣାପଡିଛି। ଲୋକମାନେ ଶିକ୍ଷିତ ହୋଇ ମଧ୍ୟ ସାଇବର ଠକେଇର ଶିକାର ହେଉଛନ୍ତି। ସେ ଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ କେହି ମଧ୍ୟ ଏହି ଠକଙ୍କ କବଳରୁ ମୁକୁଳି ପାରୁନାହାନ୍ତି।

ଗତ କିଛିମାସ ଭିତରେ ଜିଲାର ବ୍ୟାଙ୍କ ଚାକିରିଆ, ଅଧ୍ୟାପକ ଓ ନର୍ସ ସାଇବର ଠକେଇର ଶିକାର ହେବା ଘଟଣା ଦୃଷ୍ଟିକୁ ଆସିଛି। ଆଜକୁ କିଛିଦିନ ତଳେ ଖୋଡାସିଂ ଅଞ୍ଚଳର ଜଣେ ବରିଷ୍ଠ ବ୍ୟାଙ୍କ କର୍ମଚାରୀ ଅନ୍‌ଲାଇନରେ ଏକ ଶାର୍ଟ ଅର୍ଡର କରିଥିଲେ। ହେଲେ ସେହି ଶାର୍ଟଟି ତାଙ୍କର ପସନ୍ଦ ନ ଆସିବାରୁ ତାହାକୁ ସେ ଫେରସ୍ତ କରିବାକୁ ଚାହିଁଥିଲେ। ସେହି ଅନ୍‌ଲାଇନ୍ ୱେବ୍‌ସାଇଟର କଷ୍ଟମର କେୟାର ନମ୍ବର ବାହାର କରି ଶାର୍ଟ ଫେରାଇବାକୁ ଯୋଗାଯୋଗ କରିଥିଲେ। ପରେ ସେହି ନମ୍ବରରୁ ପୁଣି ତାଙ୍କ ନିକଟକୁ ଫୋନ ଆସିଥିଲା। ଶାର୍ଟ ଫେରସ୍ତ କରିବାକୁ ହେଲେ ତାଙ୍କ ମୋବାଇଲରେ ସେ ଦୁଇଟି ଆପ୍ ଡାଉନ୍‌ଲୋଡ କରିବାକୁ କୁହାଯାଇଥିଲା। ଆଉ ସେ ଦୁଇଟି ଆପ୍ ଡାଉନ୍‌ଲୋଡ କରିବା ପରେ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡିଲା। ଦେଖୁ ଦେଖୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୨ ହାଜର ଟଙ୍କା ନେଇଯାଇଥିଲେ। ସେହିପରି କିଛିଦିନ ତଳେ ଏକ ସରକାରୀ କଲେଜର ଜଣେ ଅଧ୍ୟାପକ ଷ୍ଟେଟ ବ୍ୟାଙ୍କର ୟୋନୋ ଏସ୍‌ବିଆଇ ଆପ୍ ଅପଡେଟ୍ କରିବାକୁ ଯାଇ ୩ ଲକ୍ଷ ଟଙ୍କା ହରାଇଥିଲେ। ୟୋନୋ ଆପ୍ ଅପ୍‌ଡେଟ କରିବାକୁ ତାଙ୍କ ନିକଟକୁ ଏକ ମେସେଜ ଆସିଥିଲା। ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସେହି ମେସେଜ୍ ଆସିଥିବା ଭାବି ସେ ଲିଙ୍କ୍‌ରେ କ୍ଲିକ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୩ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ଏହାର କିଛିଦିନ ପୂର୍ବରୁ ଏମ୍‌କେସିଜିର ଜଣେ ନର୍ସ ଅନ୍‌ଲାଇନ କାରବାର କରି ନିଜ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହରାଇଥିଲେ। ଏପରିକି ମୋବାଇଲକୁ କୌଣସି କଲ୍ କିମ୍ବା ଓଟିପି ନ ଆସି ମଧ୍ୟ ସେ ସାଇବର ଠକେଇର ଶିକାର ହୋଇଥିଲେ।

ଅନ୍‌ଲାଇନ୍ କାରବାର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର ବେଳେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଗଞ୍ଜାମ ଓକିଲ ସଂଘର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା କହିଛନ୍ତି, ସାଇବର ଅପରାଧ ଓ ଅପରାଧୀଙ୍କ ଚାଲ୍ ସମ୍ପର୍କରେ ପୋଲିସ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ସାଇବର ଠକେଇ ଓ ଠକଙ୍କ କାର୍‌ନାମା ବିଷୟରେ ପୋଲିସ ନୂତନ ଜ୍ଞାନ କୌଶଳ ମାଧ୍ୟମରେ ତାଙ୍କୁ ଟ୍ରାକିଂ କରି ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଏଥି ସହିତ ଲୋକମାନେ ମଧ୍ୟ ଏ ଦିଗରେ ଅଧିକ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ୧୪ ବର୍ଷ ପରେ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ

ଖଲ୍ଲିକୋଟ,୭।୭(ଡି.ଏନ.ଏ.)


ଗିରଫ ଅଭିଯୁକ୍ତ ।

ଦୀର୍ଘ ୧୪ ବର୍ଷ ପରେ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ବି. ସାମ ପାତ୍ର ୨୦୦୮ରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲେ। ୨୧।୩।୨୦୦୮ରେ ମୁକୁନ୍ଦପୁରଠାରୁ ମଠଖୋଲ ଜଙ୍ଗଲ ଯିବା ରାସ୍ତାରେ ସେହି ଗ୍ରାମର ଭିକାରୀ ଗୌଡ଼ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବି. ସାମ ପାତ୍ରଙ୍କ ବିରୋଧରେ ଖଲ୍ଲିକୋଟ ଥାନା କେସ ନମ୍ବର ୨୨/୨୦୦୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ପୂର୍ବରୁ ସାମଙ୍କ ବିରୋଧରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୨/୨୦୦୩ ଅନୁଯାୟୀ ଆଉ ଏକ ମାମଲା ମଧ୍ୟ ରହିଥିଲା। ତେବେ ହତ୍ୟା ଅଭିଯୁକ୍ତ ଥାଇ ସେ ଗାଁରୁ ଫେରାର ହୋଇ ଯାଇଥିଲେ। ଏଣେତେଣେ ଜଙ୍ଗଲ ମଧ୍ୟରେ ବୁଲି ଜାଗା ବଦଳାଉଥିଲା। ତେବେ ଗୁରୁବାର ବିଲରେ କାମ କରୁଥିବା ଖବର ପାଇ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ପ୍ରାର୍ଥୀ ହେବାକୁ ଲମ୍ବୁଛି ବିଜେଡି ସମର୍ଥକ ଆଶାୟୀ

ବ୍ରହ୍ମପୁର ଅଫିସ,୭।୭

### କେନ୍ଦ୍ରୀୟ ସମବାୟ ନିର୍ଦ୍ଦେଶକ ନିର୍ବାଚନ

ସମବାୟ ଆନ୍ଦୋଳନର ପ୍ରମୁଖ ଜିଲା ଗଞ୍ଜାମରେ ପ୍ରଥମ ପର୍ଯ୍ୟାୟ ପ୍ରାଥମିକ ସମବାୟ ସମିତି (ସୋସାଇଟି) ଗୁଡ଼ିକର ଦୁଇ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଜୁନ ୨୬ରେ ସରିଛି। ସେହି ସୋସାଇଟିଗୁଡିକରେ ନିର୍ବାଚିତ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ସଭାପତି ନିର୍ବାଚନ ଅନୁଷ୍ଠିତ ହେଉଛି। ଇତିମଧ୍ୟରେ ଅନେକ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ସମବାୟ ନିର୍ବାଚନରେ ଦଳୀୟ ଚିହ୍ନ ରହୁନଥିଲେ ମଧ୍ୟ ସଂଖ୍ୟାଧିକ ଶାସକ ବିଜେଡି ସମର୍ଥିତ ସୋସାଇଟି ମୁଖିଆ ହୋଇଥିବା ଜଣାପଡ଼ିଛି। ପରବର୍ତ୍ତୀ କେନ୍ଦ୍ରୀୟ ସମବାୟ ଅନୁଷ୍ଠାନ ନିର୍ଦ୍ଦେଶକ ନିର୍ବାଚନ ପାଇଁ ସରକାରୀ ପ୍ରସ୍ତୁତି ସମ୍ପ୍ରତି ଆରମ୍ଭ ହୋଇଛି। ଖୁବଶୀଘ୍ର ରାଜ୍ୟ ସମବାୟ କମିଶନଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବାର ସୂଚନା ମିଳିଛି।

ଜିଲାରେ କେନ୍ଦ୍ରୀୟ ସମବାୟ ସଂସ୍ଥା ମଧ୍ୟରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ, ଗଞ୍ଜାମ ଜିଲା ସମବାୟ ସଂଘ, ଆସିକା ସମବାୟ ଚିନି ଶିଳ୍ପ ଓ ସେଠାର ବହୁମୁଖୀ ସମବାୟ ସମିତି (ଏମ୍‌ପିସିଏସ) ଏବଂ ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆରଏମ୍‌ସିଏସ) ଆଦି ଅନ୍ତର୍ଭୁକ୍ତ। ସମବାୟ ସଂସ୍ଥା ଗୁଡ଼ିକର ନିର୍ବାଚିତ କାର୍ଯ୍ୟକାଳ ୨ ବର୍ଷ ତଳୁ ସରିବା ପରେ ସରକାରୀ ପରିଚାଳନାରେ ରହିଛି। ଏହି ସମୟ ମଧ୍ୟରେ ଏକ ପୁରାତନ ଅନୁଷ୍ଠାନ ବ୍ରହ୍ମପୁର ପାଇକାରୀ ସମବାୟ ଭଣ୍ଡାରକୁ ଭାଙ୍ଗି ଦିଆଯାଇ ସେଠାରେ ସରକାରୀ କାର୍ଯ୍ୟାଳୟ ହୋଇଛି।

ବିସିସି ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲା ସମବାୟ ସଂସ୍ଥାଗୁଡ଼ିକ ରହିଛି। ଏହି କେନ୍ଦ୍ରୀୟ ସଂସ୍ଥାରେ ଗଞ୍ଜାମର ୧୨ ଓ ଗଜପତି ଜିଲାର ୩ ଜୋନରେ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ନିର୍ବାଚନ କରାଯିବ। ଜିଲାର ଅନ୍ୟ କେନ୍ଦ୍ରୀୟ ସମବାୟ ସଂସ୍ଥାରେ ମଧ୍ୟ ଅନୁରୂପ ୧୫ ଲେଖାଏ ଜୋନରେ ନିର୍ବାଚନ କରାଯିବ। କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱ ଥିବାରୁ ପ୍ରାର୍ଥୀ ହେବାକୁ ବିଜେଡିର ଆଶାୟୀଙ୍କ ସଂଖ୍ୟା ଲମ୍ବୁଛି। ଜୋନ ନିର୍ଦ୍ଧାରଣ ପାଇଁ ବିସିସି ବ୍ୟାଙ୍କ ପ୍ରସ୍ତୁତି ଚଳାଇଛି। ଜୋନ ଗୁଡ଼ିକରେ ମହିଳା ଓ ବିଭିନ୍ନ ବର୍ଗ ନିମନ୍ତେ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଦେଶକ ନିର୍ବାଚନ ଫଳାଫଳ ଘୋଷଣା ପରେ ସଭାପତି ନିର୍ବାଚନ କରାଯିବ। ଗଞ୍ଜାମ ଜିଲାରେ ସମବାୟ ନିର୍ବାଚନ ଦାୟିତ୍ୱରେ ବିଜେଡି ପକ୍ଷରୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଅଛନ୍ତି। ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

### ମୌସୁମୀ ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରସ୍ତୁତି

ବ୍ରହ୍ମପୁର ଅଫିସ,୭।୭

ଦକ୍ଷିଣ ଓଡ଼ିଶା ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ମୌସୁମୀ ସମୟରେ ଯେ କୌଣସି ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ପାଇଁ କମ୍ପାନୀ ଅନେକ ପଦକ୍ଷେପ ଗ୍ରହଣ କରିଛି। ଟିପିଏସ୍‌ଓଡିଏଲ ପକ୍ଷରୁ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା (ପିଏସ୍‌ଏସ୍‌ସି) ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି। ବ୍ୟାକ୍‌ଅପ ସମାଧାନ ଭାବେ ଟିପିଏସ୍‌ଓଡିଏଲ ପକ୍ଷରୁ ଜରୁରିକାଳୀନ ସମୟରେ ବିଦ୍ୟୁତ୍ ସେବା ପାଇଁ ଭ୍ରାମ୍ୟମାଣ ସବ୍‌ଷ୍ଟେଶନ ରଖା ଯାଇଛି। ତତ୍‌ସହିତ କମ୍ପାନୀ ପକ୍ଷରୁ ଅନ୍ୟାନ୍ୟ କେତେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ସର୍କଲ, ପିଏସ୍‌ସିସି ଓ ସିଇଓ କାର୍ଯ୍ୟାଳୟରେ ସାଟେଲାଇଟ ଫୋନ ସଂଯୋଗ, ମୌସୁମୀ ସମୟରେ ସୁରକ୍ଷିତ କାର୍ଯ୍ୟ ପରିବେଶ ପାଇଁ ଟିପିଏସ୍‌ଓଡିଏଲର ବ୍ୟବସାୟ ସହଯୋଗୀଙ୍କ ଲାଗି ସୁରକ୍ଷା ପ୍ରସ୍ତୁତି, ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସାର୍ବଜନୀନ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଦ୍ୟୁତ ଯୋଗାଣ କରୁଥିବା ଫିଟରଙ୍କୁ ଅଗ୍ରାଧିକାର ଭିତ୍ତିରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଇଛି। ସେହିପରି ରକ୍ଷଣାବେକ୍ଷଣ ଓ ବିଭ୍ରାଟ ସୁଧାରିବା ପାଇଁ ଆବଶ୍ୟକ ଶ୍ରମ ଶକ୍ତି ଓ ଯାନ ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ଜରୁରୀକକାଳୀନ ସମୟରେ ଗ୍ରାହକଙ୍କ ନିମନ୍ତେ ୨୪ ଘଣ୍ଟିଆ ଟୋଲ ଫ୍ରି ନଂ–୧୯୧୨/୧୮୦୦୩୪୫୬୭୯୭ ଜାରି କରାଯାଇଛି। ଟିପିଏସ୍‌ଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି, ଆଗାମୀ ବର୍ଷା ଋତୁରେ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଶ୍ରେଷ୍ଠ ପ୍ରାଥମିକତା। ଆମ ନେଟୱର୍କକୁ ସୁଦୃଢ କରିବା ଓ ଯେ କୌଣସି ଅଭାବନୀୟ ବିଦ୍ୟୁତ ସମ୍ପର୍କିତ ଦୁର୍ଘଟଣାକୁ ଏଡାଇବା ପାଇଁ ଆମ ଟିମ୍ ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରିଛି। ଆମେ ନିୟମିତ ବ୍ୟବଧାନରେ ଯାଞ୍ଚ କରୁଛୁ । ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେ କହିଛନ୍ତି।

# ନିଷ୍ଟରେ ବିଦାୟକାଳୀନ ସମ୍ବର୍ଦ୍ଧନା


ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ, ୭।୭

ନିଷ୍ଟ ପକ୍ଷରୁ ଏମ୍‌ସିଏ, ଏମ୍‌ବିଏ ଓ ଏମ.ଟେକ୍ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର କଲେଜ ଅଡିଟୋରିୟମ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ବିଦାୟୀ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନିଷ୍ଟର ଗୌରବ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ରେଜିଷ୍ଟ୍ରାର ଇଂ. କ୍ଷୀରୋଦ ମହାପାତ୍ର ନିଜ ବକ୍ତବ୍ୟରେ ବିଦ୍ୟାର୍ଥୀମାନଙ୍କୁ ପ୍ରଯୁକ୍ତି ଜ୍ଞାନ କୌଶଳକୁ ନେଇ ନିଜର ଆଗାମୀ କ୍ୟାରିୟରକୁ ଅଧିକ ଉପାଦେୟ କରାଇବା ପାଇଁ ପ୍ରୋତ୍ସାହନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଧୀର ରଞ୍ଜନ ପଟ୍ଟନାୟକ ଓ ଏମ୍‌ବିଏ ବିଭାଗ ମୁଖ୍ୟ ଡ. ଶିବାନୀ ଗୁରୁ ନିଜ ବିଭାଗର ଛାତ୍ରୀଛାତ୍ରଙ୍କୁ ବିଦାୟୀ ଭାଷଣରେ ଭବିଷ୍ୟତ ଜୀବନର ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏମ୍‌ସିଏ ବିଭାଗର ସଂଯୋଜକ ଡ. ମଞ୍ଜୁଶ୍ରୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସୁଧୀର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଣ୍ଟିରାଗିଂ ସେଲ ପକ୍ଷରୁ ବୈଠକ

ବ୍ରହ୍ମପୁର ଅଫିସ,୭।୭

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବୁଧବାର ପ୍ରଶାସନିକ କୋଠା ସ୍ଥିତ ଅଡ଼ିଟୋରିୟମ୍ ହଲଠାରେ ଆଣ୍ଟିରାଗିଂ ସେଲ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ରଣଜିତ ଓ ହଷ୍ଟେଲ ୱାର୍ଡ଼େନ ପ୍ରଫେସର ସୁଶାନ୍ତ କୁମାର ବରାଳ ବୈଠକ ପରିଚାଳନ କରିଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱର ବିଜେବି କଲେଜରେ ରାଗିଂ ଯୋଗୁ ଛାତ୍ରୀ ଆତ୍ମହତ୍ୟା ଘଟଣା ସାରା ରାଜ୍ୟକୁ ଆଲୋଡ଼ିତ କରିଛି। ଏଥି ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଣ୍ଟି ରାଗିଂ ସେଲ ପକ୍ଷରୁ ବୈଠକ ଡ଼କାଯାଇଥିଲା। ଏଥିରେ ଛାତ୍ରୀଛାତ୍ର ରାଗିଂକୁ ପ୍ରତିହତ କରିବା ନିମନ୍ତେ କିପରି କାଉନସେଲିଂ ବ୍ୟବସ୍ଥା, ନୂତନ ନିୟମ ଲାଗୁ କରିବା, ସୁପରିଣ୍ଟେଣ୍ଡେଣ୍ଟ ଓ ହଷ୍ଟେଲ ୱାର୍ଡ଼େନମାନଙ୍କୁ ଛାତ୍ରୀଛାତ୍ରଙ୍କ ସହ ଅଧିକରୁ ଅଧିକ ଯୋଗାଯୋଗ କରିବା ନିମନ୍ତେ ପ୍ରବର୍ତ୍ତା ଯାଇଥିଲା। ଆଣ୍ଟିରାଗିଂ ସେଲ ପକ୍ଷରୁ ଜାରି କରାଯାଇଥିବା ହେଲ୍ପ ଲାଇନ ନମ୍ବର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ବୈଠକରେ ଅଧ୍ୟାପକ ଡ଼.ସୌରଭ ପ୍ରକାଶ ସେଠ, ଡ଼.ବନ୍ଦିତା କୁମାରୀ ପଣ୍ଡା, ଡ଼.ଗଣେଶ ସେଠୀ ଓ ଡ଼. ସଦାନନ୍ଦ ନାୟକଙ୍କ ସମେତ ବିଶ୍ୱବିଦ୍ୟାଳୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ସାତ୍ତ୍ୱିକ ସୋଲ ଫାଉଣ୍ଡେଶନର ବନ ମହୋତ୍ସବ

ବ୍ରହ୍ମପୁର ଅଫିସ,୭।୭

### ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଦର୍ଶନ ଶାସ୍ତ୍ର ବିଭାଗର ଡ଼.ଯତୀନ କୁମାର ବିଷୋୟୀ, ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ ଜିଲା ସଂଯୋଜକ ଭରତ ଗୌରବ ଦାସ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଫାଉଣ୍ଡେଶନ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ମିଳିତ ଭାବେ ଚାରା ଚାରା ରୋପଣ କରିଥିଲେ। ଏହି ଅବସରରେ ବନ ମହୋତ୍ସବ ସପ୍ତାହର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଚାରା ରୋପଣ କରି ଏହାର ଠିକ ଯତ୍ନ ନେବା ନିମନ୍ତେ ସଚେତନ କରାଯାକଇଥିଲା।

# ଚାରା ରୋପଣ କାର୍ଯ୍ୟକ୍ରମ


ଚାରା ରୋପଣ କରୁଛନ୍ତି ଶ୍ରମ ମନ୍ତ୍ରୀ ।

ପୋଲସରା,୭।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ହାତୀଓଟ ଗଙ୍ଗାଧର ସାହୁ ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ପରେ ମହାବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଅଧକ୍ଷା ଯାଜ୍ଞସେନୀ ସାହୁଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସାହୁ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ମୁରଲୀଧର ନନ୍ଦ ଯୋଗଦେଇ ପରିବେଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲସରା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଝୁନୁ ଦାସ, ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡାଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

# ବିଧାୟକ ଓ ମେୟରଙ୍କ ପରିଦର୍ଶନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ବ୍ରହ୍ମପୁର ଅଫିସ,୭।୭

### ସଫା ହେଉନି ଦେଓ ବନ୍ଧ

■ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ

ବ୍ରହ୍ମପୁର ସହରରେ ଅନେକ ଜଳାଶୟ ବର୍ତ୍ତମାନ ଦୂଷିତ ହେବା ସାଙ୍ଗକୁ ରକ୍ଷଣାବେକ୍ଷଣ ଅଭାବରୁ ଏହା ପୋତି ହେବାକୁ ବସିଲାଣି। ଫଳରେ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ବାସିନ୍ଦା ପାଣି ପାଇଁ ସମସ୍ୟା ଭୋଗୁଛନ୍ତି। ସହରରେ ଜଳାଶୟ ଗୁଡିକର ପୁନଃରୁଦ୍ଧାର ଓ ସଫେଇ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ସଫେଇର କିଛି ଦିନ ପରେ ଏଥିରେ ପୁଣି ଅଳିଆ ଆବର୍ଜନା ପୂର୍ଣ୍ଣ ହେବା ସହ ଦଳ ଭର୍ତ୍ତି ହୋଇ ରହୁଥିବା ଦେଖିବାକୁ ମିଳୁଛି। ଏଭଳି ଭାବେ ସହରରେ ୭୪ ଜଳାଶୟ ରହିଛି। ଏଗୁଡିକ ସଫେଇ କ୍ଷେତ୍ରରେ ସ୍ଥାନୀୟ ପ୍ରତିନିଧିଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଛି। କିନ୍ତୁ ଉଚିତ ରକ୍ଷଣାବେକ୍ଷଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

୩୭ ନଂ. ୱାର୍ଡ ଅନ୍ତର୍ଗତ ଦେଓ ବନ୍ଧଟି ବର୍ତ୍ତମାନ ଦୂଷିତ ହେବାକୁ ବସିଛି। ଏହି ପୋଖରୀ ଉପରେ ସ୍ଥାନୀୟ ମାର୍କଣ୍ଡେଶ୍ୱର ସାହି, ବ୍ରାହ୍ମଣ ସାହି ବାସିନ୍ଦାଙ୍କ ସମେତ ଏହାର ସମ୍ମୁଖରେ ଥିବା ତାରା ଦେବୀ ମନ୍ଦିରରେ ପୋଖରୀ ପାଣି ପୂଜା କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଏଥିସହ ନିକଟରେ ଥିବା କଲ୍ୟାଣ ମଣ୍ଡପରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ପୋଖରୀ ପାଣିକୁ ବ୍ୟବହାର କରାଯାଉଥିଲା। କିନ୍ତୁ ଦୀର୍ଘ ଦିନ ଧରି ପୋଖରୀ ସଫା ନ ହେବାରୁ ଏହା ମଧ୍ୟରେ ଦଳ ଭର୍ତ୍ତି ହୋଇ ପାଣି ଦୂଷିତ ହୋଇଛି। ଯାହାକି ବର୍ତ୍ତମାନ ଏକ ଖେଳ ପଡିଆ ଭାବେ ଦେଖା ଯାଉଛି।


ଦୂଷିତ ହୋଇ ପଡିଥିବା ଦେଓ ବନ୍ଧ।

ଏପରିକି ପୋଖରୀ ତୁଠରେ ଥିବା ପାହାଚ ଗୁଡିକ ମଧ୍ୟ ଭାଙ୍ଗି ରୁଜି ଯାଇଛି। ଚର୍ତୁପାର୍ଶ୍ୱରେ ଥିବା ପାଚେରି କେଉଁଠି ଭାଙ୍ଗି ଯାଇଛି ତ ଅନ୍ୟ କେଉଁଠି ଭୁଶୁଡି ପଡିଛି। ପାର୍ଶ୍ୱକୁ ଲାଗି ରହିଥିବା ରାସ୍ତାଟି ବିପଦ ଜନକ ହୋଇଛି। ଫଳରେ ସ୍ଥାନୀୟ ବାସିନ୍ଦା ଏହି ରାସ୍ତା ଦେଇ ଯାତାୟାତ ପାଇଁ ସୁରକ୍ଷିତ ମଣୁ ନାହାନ୍ତି।

ସୂଚନା ଥାଉ କି, ୨୦୨୦–୨୧ ବର୍ଷରେ ବିଏମ୍‌ସି ପକ୍ଷରୁ ପୋଖରୀ ପାଚେରି ନିର୍ମାଣ ପାଇଁ ୫ ଲକ୍ଷ ୬୬ ହଜାର ୮୭୦ ଟଙ୍କାର ଟେଣ୍ଡର କରାଯାଇ ନିର୍ମାଣ ମଧ୍ୟ କରାଯାଇଥିଲା। କିନ୍ତୁ କାମ ଠିକ୍ ହୋଇ ନ ଥିବା ଅଭିଯୋଗ ହୋଇଛି। ପୋଖରୀ ସଫା ଲାଗି ସ୍ଥାନୀୟ କର୍ପୋରେଟର ବନୀତା ସାହୁ ବାରମ୍ବାର ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଫଳରେ ଗୋଟିଏ ଥର ସଫା କରାଯାଇଥିଲା। ଏପରିକି ପୋଖରୀର ପୁନଃରୁଦ୍ଧାର ପାଇଁ ବ୍ରହ୍ମପୁର ବିଧାୟକ ଓ ମେୟର ବାରମ୍ବାର ପରିଦର୍ଶନ କରିଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ କର୍ପୋରେଟରଙ୍କୁ ଯୋଗାଯୋଗ ବେଳେ କହିଛନ୍ତି, ପୋଖରୀ ସଫା ସହ ପୁନଃରୁଦ୍ଧାର ପାଇଁ ବିଏମ୍‌ସିକୁ ଲିଖିତ ଭାବେ ଅବଗତ କରାଯାଇଛି। ପୋଖରୀ ସଫେଇ ସହ ଏହାର ଚର୍ତୁପାର୍ଶ୍ୱ ପାଦ ଚଲା ରାସ୍ତା ନିର୍ମାଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିବା ସେ କହିଛନ୍ତି। ଅନ୍ୟପଟେ ଏହା ଏକ ବହୁ ପୁରାତନ ପୋଖରୀ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଦାବିରେ ବିଏମ୍‌ସି କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ସଂକ୍ଷେପରେ

### ପୋଡ଼ାମାରୀ କଲେଜରେ ବନ ମହୋତ୍ସବ

ଦିଗପହଣ୍ଡି,୭।୭(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ପୋଡାମାରୀ କଲେଜ ପରିସରରେ ବୁଧବାର ୭୩ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଇ . ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ ମହୋତ୍ସବ ପାଳନ ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ଚାରା ରୋପଣର ଆବଶ୍ୟକତା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦ୍ରଗିରି ରେଞ୍ଜର ସୁବାସଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସହ ଚାରା ରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଡ. ଅନନ୍ତରାମ କର, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ବିଷୋୟୀ ଉପସ୍ଥିତ ରହି ମାନବ ସମାଜ ପାଇଁ ବୃକ୍ଷରାଜିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ପ୍ରଭୁଦତ୍ତ ବ୍ରହ୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅତିଥିବୃନ୍ଦ, ଅଧ୍ୟାପିକା, ଅଧାପକ ସମେତ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଶେଷରେ ଅଧାପକ ଡ. ଶାନ୍ତନୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଗନ୍ନାଥଙ୍କ ନୀତିକାନ୍ତି ପାଇଁ ସଦସ୍ୟଙ୍କ ସହଯୋଗ

ରାୟଗଡ଼(ଗଜପତି), ୭।୭- ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କ ନୀତିକାନ୍ତି ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ବାହୁଡ଼ା ଯାତ୍ରାରେ ନିଆଯାଇଥିବା ନିଷ୍ପତ୍ତି ପ୍ରକାରେ ଜଗନ୍ନାଥଙ୍କ ନୀତିକାନ୍ତି ପାଇଁ ୩୬୫ ସଦସ୍ୟ ପ୍ରତ୍ୟେକେ ଏକ ହଜାର ଟଙ୍କା ଜମା ଦେଇ ନାମ ପଞ୍ଜୀକରଣ କରିବା ସହ ସଦସ୍ୟଙ୍କ ନାମ ଏବଂ ଗୋତ୍ରରେ ଭୋଗଲାଗି କରାଯିବା ପାଇଁ ଏକ ସୁଚିନ୍ତିତ ଯୋଜନା ଲାଗୁ କରାଯାଇଥିଲା। ଉକ୍ତ ଯୋଜନାରେ ମୁଖ୍ୟଅତିଥି ଭାବେ ସିଡିପିଓ ତେରେସ୍କୋଭା ମଲ୍ଲିକଙ୍କ ଦ୍ୱାରା ଶୁଭାରମ୍ଭ କରି ଉନ୍ମୋଚନ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ଉପଦେଷ୍ଟା ରାଧାକୃଷ୍ଣ ଜାନି, ସୀମାଦ୍ରି ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ପ୍ରସାଦ ଘଡ଼ାଇ ପରିଚାଳନା କରିଥିବା ବେଳେ ସମ୍ପାଦକ ବି. କୃଷ୍ଣ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଖଣ୍ଡଳମଣି ମନ୍ଦିରରେ ରତ୍ନମୁଦ

ରମ୍ଭା, ୭।୭-ରମ୍ଭା କଲେଜ ଛକ ପାର୍ଶ୍ୱରେ ବାବା ଆଖଣ୍ଡଳମଣି ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଙ୍କୁରାରୋପଣ, ବନଜାଗ, ରତ୍ନମୁଦ, ପୂର୍ଣ୍ଣାହୁତି ଆଦି ହୋଇଥିଲା। କର୍ତ୍ତାରୂପେ ଆର. ନରସିଂହ ରେଡ୍ଡୀ, ଆର. ଶ୍ରୀୟା ରେଡ୍ଡୀ ରହିଥିବା ବେଳେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଗ୍ରାମ୍ୟ କମିଟି ସଭାପତି ଆର୍. ସୋମନାଥ ରେଡ୍ଡୀ, ପୂର୍ବତନ ସଭାପତି ଜେ. ସୀମାଦ୍ରି ପାତ୍ର ଏବଂ ତାରିଣୀ ଚରଣ ପାତ୍ର, ସି. ଲକ୍ଷଣ ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, କୋଷାଧକ୍ଷ ଜେ. ଲୋକନାଥ ପାତ୍ର, ସଭ୍ୟ ଏ. ରଘୁନାଥ ପାତ୍ର, ଏସ୍. ସାକିଲ ପାତ୍ର, ଆର୍. ଆଦିକା ରେଡ୍ଡୀ, କେ. ଗୋପାଳ ରେଡ୍ଡୀ, ଆର୍. ଶିବା ରେଡ୍ଡୀ, ଏ. ମାଧବ ପାତ୍ର, ଏସ୍. ଗଙ୍ଗାଧର ପାତ୍ର, ଏନ୍. ଦମ୍ବରୁଧର ପାତ୍ର, ଶ୍ରମିକ ନେତା ଜେ. ଭାସ୍କର ପାତ୍ର, ବି. ବନମାଳୀ ପାତ୍ର, ହରି ପାତ୍ର, ବି. ଦୀନବନ୍ଧୁ ପାତ୍ର ଏବଂ ମିଞ୍ଚିନି ପାଟଣା ଗ୍ରାମର ଯୁବକ ସଂଘ ସହଯୋଗ କରିଥିଲେ।

# ରାଗିଂ ରୋକିବାକୁ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ

**ଛତ୍ରପୁର,୭।୭(ଡି.ଏନ.ଏ.)**

ଶିକ୍ଷାନୁଷ୍ଠାନ ଗୁଡିକରେ ରାଗିଂ ଏକ ଦଣ୍ଡନୀୟ ଅପରାଧ । ରାଗିଂ ଦ୍ୱାରା ଛାତ୍ର କିମ୍ବା ଛାତ୍ରୀ ମାନସିକ ଚାପଗ୍ରସ୍ତ ହେବା ସହ ଅପବାଦକୁ ସହି ନ ପାରି ଶେଷରେ ଜୀବନ ହାରିଥାଆନ୍ତି ।ଏହିପ୍ରକାର ଜଘନ୍ୟ କାଣ୍ଡକୁ ରୋକିବା ସକାଶେ ଗଞ୍ଜାମ ଜିଲା ପ୍ରଶାସନ ଆଗୁଆ ପଦକ୍ଷେପ ଗ୍ରହଣ କରିଛି। ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲାପାଳ ଉପସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ଜଣାଇଥିଲେ ଯେ, ରାଗିଂ ବିରୋଧରେ ନିଜ ନିଜ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବାକୁ ହେବ। ଉଭୟ ଛାତ୍ରାବାସ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖାଯିବ। ରାଗିଂ ରୋକିବାରେ ଛାତ୍ରାବାସର ୱାର୍ଡେନ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ସନ୍ଧ୍ୟା ଓ ରାତିରେ ଅଧିକ ଦୃଷ୍ଟି ଦେବାକୁ କୁହାଯାଇଛି।

## ହେଲ୍ପଲାଇନ ନମ୍ବର ଜାରି


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଛାତ୍ରନେତାଙ୍କୁ ଅଧିକ ସଚେତନ କରିବା ସହିତ ସେମାନଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ କୌଣସି ଛାତ୍ର ଛାତ୍ରୀ ରାଗିଂର ଶିକାର ହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର ୯୪୩୭୫୬୩୮୦୦ରେ ଜଣାଇବାକୁ ସେ ନିବେଦନ କରିଛନ୍ତି । ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟ କହିଥିଲେ ଶିକ୍ଷାନୁଷ୍ଠାନ ଗୁଡିକ ରାଗିଂ ସମ୍ପର୍କିତ ସୂଚନା ନିକଟସ୍ଥ ପୋଲିସ ପ୍ରଶାସନକୁ ଅବଗତ କରାନ୍ତୁ । ସମସ୍ତ ପୋଲିସ ଅଧିକାରୀ ଏଭଳି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବେ । ତେଣୁ ବିନା ଦ୍ୱିଧାରେ ଅନୁଷ୍ଠାନ ଗୁଡିକ ପୋଲିସର ସହାୟତା ନେଇପାରିବେ। ଅଧ୍ୟାପକମାନେ ଶ୍ରେଣୀରେ ଏବଂ ଶ୍ରେଣୀ ବାହାର ପରିସର ପରିଦର୍ଶନ କରନ୍ତୁ। ବିନା ସଂକୋଚରେ ରାଗିଂର ସୂଚନା ଦେବା କ୍ଷେତ୍ରରେ ନିଜ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ କିମ୍ବା ପୋଲିସକୁ ଛାତ୍ରୀଛାତ୍ରମାନେ ଜଣାଇବାକୁ କୁହାଯାଇଛି । ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନରେ ଆଡମିଶନ କରିବା ସମୟରେ ଉଭୟ ଅଭିଭାବକ ଏବଂ ଛାତ୍ର/ଛାତ୍ରୀଙ୍କ ଠାରୁ ରାଗିଂରେ ସଂଶ୍ଳିଷ୍ଟ ହେବେ ନାହିଁ ବୋଲି ଲିଖିତ ଆକାରରେ ରଖିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ରାୟ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉଚ୍ଚ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ଏସ. ସୁଧାକର, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ରଞ୍ଜିତ କୁମାର ରଞ୍ଜନ, ପାରଳା ମହାବିଦ୍ୟାଳୟର ଅଧକ୍ଷ, ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲର ଅଧକ୍ଷ, ଏମ.କେ.ସି.ଜି. ମେଡିକାଲ କଲେଜର ଡିନ ପ୍ରମୁଖ ଉପସ୍ଥିତ ଥିଲେ ।

# ସିମନବାଡ଼ି ସେକ୍ସନରେ ଲାଗିବ ୩୦ ହଜାର ଚାରା

**ଦାରିଙ୍ଗବାଡ଼ି,୭।୭(ଡି.ଏନ.ଏ.)**

ଯେଉଁଠି ସଚେତନତା ଅଭାବରୁ କାଠ ମାଫିଆ ଗଛ କାଟି ସଫା କରି ଦେଉଛନ୍ତି ସେଭଳି ସ୍ଥାନରେ ଏବେ ବନ ବିଭାଗ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିଛି । ଗୁରୁବାର ସିମନବାଡ଼ି ସେକ୍ସନରେ ବନ ମହୋତ୍ସବ ପାଳନ କରାଯାଇଛି। ସିମନବାଡ଼ି ସେକ୍ସନ ଗଦଡ଼ି ଜଙ୍ଗଲରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ଆଇଆଇସି କୌଶିକ ମାଝି, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଅନ୍ତରଙ୍ଗ ଯୁବ ସଂଘର ବ୍ଲକ ସଂଯୋଜକ ଧନେଶ୍ୱର ସାହୁ, ସରପଞ୍ଚ ପ୍ରତିନିଧି ପରମେଶ୍ୱର ପ୍ରଧାନ, ଗଦଡ଼ି ବିଦ୍ୟାଳୟର ପ୍ରଧାନଶିକ୍ଷକ ରାକେଶ ସାହୁ, ସହକାରୀ ଶିକ୍ଷକ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନଙ୍କ ସହ ଗଦଡ଼ି ବିଦ୍ୟାଳୟର ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ସତିଶ କୁମାର ଧାରୁଆ ନେତୃତ୍ୱ ନେଉଥିବାବେଳେ ବନପାଳ ରବିମୋହନ ନାୟକ,ପ୍ରଶନ୍ନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ବନାଞ୍ଚଳର ସମସ୍ତ ସେକ୍ସନରେ ୧ଲକ୍ଷ ୨୦ ହଜାର ଚାରାରୋପଣ କରାଯିବାକୁ ଥିବାବେଳେ ସେଥିରୁ କେବଳ ସିମନବାଡ଼ି ସେକ୍ସନରେ ପ୍ରାୟ ୩୦ ହଜାର ଚାରାରୋପଣ କରାଯିବ। ଏହାର ରକ୍ଷଣବେକ୍ଷଣ ସ୍ଥାନୀୟ ବନସଂରକ୍ଷଣ ସମିତି ସହ ସ୍ଥାନୀୟ ଜନସାଧାରଣ ସହଯୋଗ କରିବାକୁ ବନବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ରୁଚିକାଙ୍କୁ ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ



ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଫୁଲବାଣୀ ଅଫିସ, ୭।୭**

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ଯୋଗୁଁ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ଆଜି ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ରୁଚିକାଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ତରଫରୁ ଫୁଲବାଣୀ ମହିଳା ମହାବିଦ୍ୟାଳୟ ଏବଂ ଟିକାବାଲି କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିରେ ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ସଂଯୋଜକ ରୁଦ୍ରପ୍ରସାଦ ସେଠି, ସହ ସଂଯୋଜିକା ରାଜନନ୍ଦିନୀ ସାହାଣୀ, ଅମିତ ବେହେରା, ରଜତ ବେହେରା, ଜ୍ୟୋତି କହଁରଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ୨ ମନ୍ତ୍ରୀ, ଉପବାଚସ୍ପତି କଲେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

**ଦାରିଙ୍ଗବାଡ଼ି,୭।୭(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗରୁବାର ଅପରାହ୍ନରେ ଖଣି, ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଜଙ୍ଗଲ ପରିବେଶ ଓ ପଞ୍ଚାୟତିରାଜ ଓ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଉପ-ବାଚସ୍ପତି ରଜନୀକାନ୍ତ ସିଂହ ପହଞ୍ଚି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ଉଦ୍‌ଘାଟନ ସହ ଉକ୍ତ ବିଭାଗର ପାଣିଗଣ୍ଡା-

## ଦାରିଙ୍ଗବାଡି ବ୍ଲକ

ବ୍ରାହ୍ମଣୀଗାଁ-ଦାରିଙ୍ଗବାଡ଼ି ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣର ଶିଳାନ୍ୟାସ କରାଯାଇଥିଲା ।

ସେହିପରି ସମ୍ପନ୍ନିତ ଶିଶୁ ବିକାଶ ଯୋଜନାର ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।


ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ

ସେହିପରି ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ବଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସମ୍ପନ୍ନିତ ଶିଶୁ ବିକାଶ ଯୋଜନାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଏକ ବୈଠକ ବିଡିଓ ପାତ୍ରଙ୍କ ଅଧକ୍ଷତାରେ ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ଅଞ୍ଚଳର ରାସ୍ତାଘାଟର ଉନ୍ନତି ପାଇଁ ଜଙ୍ଗଲ ବିଭାଗ ଅନୁମତିର ଆବଶ୍ୟକ ଦରକାର ପଡୁଛି । କନ୍ଧମାଳରେ ଅଧିକାଂଶ ଜଙ୍ଗଲ ବିଭାଗ ଜମି ହେଉଥିବାରୁ ବିକାଶ ପାଇଁ ସବୁ କାର୍ଯ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ସହଯୋଗର ଆବଶ୍ୟକତା ଥିବାରୁ ବିଧାୟକ ସାଲୁଗା ପ୍ରଧାନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ସହଯୋଗ କଲେ ଦାରିଙ୍ଗବାଡ଼ିର ବିକାଶ ହୋଇପାରିବ ବୋଲି କହିଥିଲେ ।

### ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

**ଆସିକା,୭।୭(ଡି.ଏନ.ଏ.)**

ଚଳିତ ମାଟ୍ରିକ ପରୀକ୍ଷାରେ ଆସିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସମୁଦାୟ ୧୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ୧ରେ ୧୭ଜଣ, ଏ୨ରେ ୩୯ଜଣ, ବି୧ରେ ୨୭ଜଣ, ବି୨ରେ ୩୬ଜଣ ଓ ସି ଗ୍ରେଡରେ ଜଣେ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟା ମନ୍ଦିରର ପରୀକ୍ଷାର୍ଥୀଙ୍କ ମଧ୍ୟରୁ କାହ୍ନୁ ଚରଣ ପ୍ରଧାନ ଓ ସୁଦୃପ୍ତି କୁମାରୀ ନାୟକ ସର୍ବାଧିକ ୯୬.୫ ପ୍ରତିଶତ ନମ୍ବର ରଖିଥିବା ଜଣାଯାଇଛି।

# କୁନାଙ୍କ ଅନ୍ୟ ସହଯୋଗୀ କୋର୍ଟ ଚାଲାଣ

**ଗୋପାଳପୁର,୭।୭(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ଜିଲାର ଭେଟରାନ ଅପରାଧୀ କୁନା ବେହେରାଙ୍କ ସହଯୋଗୀମାନେ ଦାଦାବଟି ମାଗିବା ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଅନ୍ୟ ଜଣ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଜୁଗୁଡି ଗ୍ରାମର ବିନୋଦ ଗୌଡ଼(୪୨) ବୋଲି ପୋଲିସ ସୂଚନା ଦେଇଛି।

ଖବର ଅନୁସାରେ ଗୋଳନ୍ଥରା ଥାନା ଅଞ୍ଚଳର ଅପରାଧି କୁନା ବେହେରା ବିଭିନ୍ନ ଆପରାଧୀକ କାର୍ଯ୍ୟକଳାପ ଚଳେଇଛନ୍ତି। ପୋଲିସ କୁନାଙ୍କୁ ଧରିବାକୁ

## ବଟି ମାଗିବା ଘଟଣା

ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲେ ମଧ ସେ ଚକ୍‌ମା ଦେଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ତାଙ୍କ ନାମରେ ୨୭ରୁ ଊର୍ଦ୍ଧ୍ୱ ଥାନାରେ ମାମଲା ରହିଛି। ଟାମଣା, ଜୁଗୁଡ଼ି, ମେଦିନିପୁର, ସିଂହଳା, କଙ୍କିଆ ଓ ଆଖପାଖ ଅଞ୍ଚଳରେ କୁନା ଓ ତାଙ୍କ ସହଯୋଗୀମାନେ ସ୍ଥାନୀୟ ଦୋକାନ, ପେଟ୍ରୋଲ ପମ୍ପ, ଇଟା କାରଖାନା, କୁକୁଡ଼ା ଫାର୍ମ, ମସରୁମ ଫାର୍ମ, ରାସ୍ତା କାମ ଓ ଘଟକେଶ୍ୱର ଜଳ ପ୍ରକଳ୍ପ କାମ ଆଦିରେ ଧମକଚମକ ଦେଇ ଦାଦାବଟି ଆଦାୟ କରୁଥିବା ନେଇ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏନେଇ ଗୋଳନ୍ଥରା ଥାନାର ଏକ ସ୍ୱତନ୍ତ୍ର ଟିମ ଏହାର ତଦନ୍ତ କରି ଗତ ରବିବାର କୁନାଙ୍କ ଶଶୁର ସମେତ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ଅନ୍ୟ ସହଯୋଗୀ ମାନଙ୍କର ସମ୍ପୃକ୍ତ ଥିବାର ପୋଲିସ ଜାଣିବାକୁ ପାଇଥିଲା। ବୁଧବାର ରାତିରେ ଜୁଗୁଡି ଗ୍ରାମରେ ଚଢ଼ାଉ କରି ବିନୋଦଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରିବା ପରେ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନା କେଶ ନଂ ୨୨୮/୨୨ ମାମଲା ରୁଜୁ ହୋଇଛି।

# ବାଲ୍ୟବିବାହ ବନ୍ଦ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ରାୟଗଡ଼(ଗଜପତି), ୭।୭**

ଗଜପତି ଜିଲା ରାୟଗଡ଼ ବ୍ଲକ ସାନତୁଣ୍ଡୀ ପଞ୍ଚାୟତର ଲୋକପ୍ରତିନିଧି ଓ ରାୟଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ମିଳିତ ଉଦ୍ୟମରେ ବାଲ୍ୟବିବାହ ବନ୍ଦ କରିବା ସହ କିଶୋର ଓ କିଶୋରୀମାନଙ୍କ ସଶକ୍ତୀକରଣ ଓ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ପରିସଲ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ପରିସଲ ଗ୍ରାମ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦ ପଞ୍ଚାୟତ ପ୍ରତିନିଧି, ଶିକ୍ଷକ, ଶିଶୁ ସୁରକ୍ଷା ୟୁନିଟ୍, ସ୍ୱେଚ୍ଛାସେବୀ ସଂସ୍ଥା, କିଶୋର ଓ କିଶୋରୀ, ଅଙ୍ଗନୱାଡି, ଆଶା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ଆକ୍ସନଏଡର ବ୍ଲକ ସଂଯୋଜକ ବିଜୟ ପ୍ରଧାନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ମୁଖ୍ୟଅତିଥି ଭାବେ ସାନତୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର, ଆକ୍ସନଏଡର ଜିଲା ସଂଯୋଜକ ବିକାଶ କୁମାର ମେହେର, ପ୍ରଧାନ ଶିକ୍ଷକ ଜୀବନ ଚନ୍ଦ୍ର ରାଇକା ବିଭିନ୍ନ ଆଇନ କାନୁନ୍ ବିଷୟରେ ସଚେତନ କରିଥିଲେ। ଆଇସିଡିଏସ୍ ଅଞ୍ଚଳ ପରିଦର୍ଶିକା ନମିତା ମହାରଣା ବାଲ୍ୟବିବାହ ଦ୍ୱାରା ଶିଶୁମାନଙ୍କ ଉପରେ କି ପ୍ରକାର କୁପ୍ରଭାବ ପଡୁଛି ସେ ବିଷୟରେ କହିଥିଲେ।

### ଗଞ୍ଜାମ ବ୍ଲକ ଟପ୍ପର ଦେବାଶିଷ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**ଗଞ୍ଜାମ,୭।୭(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ ୬ ବ୍ରାହ୍ମଣ ଡାମଣା ସାହିର ସ୍ୱର୍ଗତ ସହଦେବ ପଣ୍ଡାଙ୍କ ପୁଅ ଦେବାଶିଷ ପଣ୍ଡା ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଗଞ୍ଜାମ ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୮୨ ନମ୍ବର ରଖି ବ୍ଲକରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାରୁ ସକ୍ଷମ ଗ୍ରୁପ ପକ୍ଷରୁ ଗୁରୁବାର ତାଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳବାସି ମଧ ଦେବାଶିଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବର୍ଦ୍ଧନା ବେଳେ ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସକ୍ଷମ ସଭାପତି ବସନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ତଥା ସକ୍ଷମ ସମ୍ପାଦକ ଜି. ଶ୍ୟାମା ରେଡ୍ଡୀ, ବଣିକ ସଂଘ ସଭାପତି ଶଙ୍କର ବାରିକି, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ, ଉପଦେଷ୍ଟା ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧରାକୋଟରେ ଖୋଲିବ କୋର୍ଟ

**ଧରାକୋଟ,୭।୭(ଡି.ଏନ.ଏ.)**

ଧରାକୋଟରେ କୋର୍ଟ ପ୍ରତିଷ୍ଠା ପାଇଁ ବହୁଦିନ ପୂର୍ବରୁ ଦାବି ହୋଇ ଆସୁଥିଲା। ଏବେ ତାହା ପୂରଣ ହେବାକୁ ଯାଉଛି। ସଂପ୍ରତି ରାଜ୍ୟ ସରକାରଙ୍କ ଆଇନ ବିଭାଗ ତରଫରୁ ଧରାକୋଟ, କୁକୁଡ଼ାଖଣ୍ଡି ଓ ଗଞ୍ଜାମଠାରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାଫଳରେ ଏସବୁ ସ୍ଥାନରେ ଶୀଘ୍ର କୋର୍ଟ ଖୋଲିବାର ଆଶା ଉଜ୍ଜ୍ୱଳ ହୋଇଛି । ଧରାକୋଟରେ ବହୁ ପୂର୍ବରୁ ତହସିଲ ଓ ଥାନା ପ୍ରତିଷ୍ଠା ହୋଇସାରିଛି । ଏହି ଅଞ୍ଚଳର ସମସ୍ତ ମାମଲାର ନ୍ୟାୟିକ ବିଚାର ପାଇଁ ଆସିକା କୋର୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏଠାରେ କୋର୍ଟ ପ୍ରତିଷ୍ଠା ପାଇଁ ସୂଚନା ମିଳିବାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ଅଞ୍ଚଳର ଆଇନଜୀବୀ ଆଶିଷ ପାଣିଗ୍ରାହୀ,ବିଚିତ୍ରାନନ୍ଦ ମହାପାତ୍ର, ବିଦେଶୀ ନାହାକ, ହୃଦାନନ୍ଦ ଜେନା, ସୁରେଶ ସାହୁ, କାଶୀନାଥ ତ୍ରିପାଠୀ, ଶ୍ରୀଧର ସାହୁ, ପ୍ରଶାନ୍ତ ପାଣିଗ୍ରାହୀ, କୈଳାସ ସାହୁ, ଲକ୍ଷ୍ମୀକାନ୍ତ ଦାସ, ଟିନା ରେଡ୍ଡୀ, ସଞ୍ଜୟ ପାତ୍ର ପ୍ରମୁଖ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

### ଭରାଣ୍ଡି ମନ୍ଦିରରେ ବନମହୋତ୍ସବ

**କବିସୂର୍ଯ୍ୟନଗର,୭।୭(ଡି.ଏନ.ଏ.)**

କବିସୂର୍ଯ୍ୟନଗର ଏନ୍‌ଏସି ୱାର୍ଡ ନଂ ୪ ସ୍ଥିତ ମା' ଭରାଣ୍ଡି ମନ୍ଦିର ପରିସରରେ କୃପାସିନ୍ଧୁ ସ୍ୱାଇଁଙ୍କ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତ୍ରୀ ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ଗୋପବନ୍ଧୁ ଆଇଟିଆଇ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିବା ସହ ସ୍ୱାଇଁଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଇଂ. ନଳିନୀକାନ୍ତ ମହାରଣା, ଅନ୍ୟତମ ସମ୍ମାନିତ ଅତିଥି ରାମପ୍ରସାଦ ମହାରଣା, ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହଁର, ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀ, ପ୍ରକୃତିମିତ୍ର ଏ. ବ୍ରହ୍ମାନନ୍ଦ ଆଚାରୀ, ବିତରକ ଲକ୍ଷଣ ସେଠୀ, ଅବସରପ୍ରାପ୍ତ ଏନଏସି କର୍ମଚାରୀ ଭିକାରି ନାହାକ ଓ ମଙ୍ଗଳା ଜେନା ସମେତ ବହୁ ପରିବେଶବିତ ଉପସ୍ଥିତ ଥିଲେ।

# ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ଆସିକା,୭।୭(ଡି.ଏନ.ଏ.)**

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ କଲେଜ ଛକରୁ ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ରାଜେଶ କୁମାର ପଣ୍ଡା । ତାଙ୍କ ବିରୋଧରେ ଆସିକା ଥାନାରେ ନଂ.୩୮୧/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ପ୍ରକାଶ ଯେ, ୨୦୦୫ରୁ ରାଜେଶ ପ୍ରେମ ବିବାହ କରିଥିବା ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ରୀତିମତ ନିର୍ଯାତନା ଦେଇ ଆସୁଥିଲେ। ଦମ୍ପତିଙ୍କ ୧୩ ବର୍ଷର ଏକ ପୁଅ ଅଛି। ରାଜେଶ କୌଣସି କାମ ନ କରି ସ୍ତ୍ରୀଙ୍କ ଉପରେ ନିର୍ଭର କରୁଥିଲେ। ଟଙ୍କା ପାଇଁ ବୁଧବାର ରାତିରେ ସେ ଏକ ବ୍ୟାଟରେ ସ୍ତ୍ରୀଙ୍କୁ ନିର୍ଦ୍ଦୁମ ମାଡ ମାରିଥିଲେ। ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବା ଲାଗି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି ।

# ଫସଲ ବୀମା ସଚେତନତା ରଥ ଶୁଭାରମ୍ଭ

**ପାରଳାଖେମୁଣ୍ଡି,୭।୭(ଡି.ଏନ.ଏ.)**

ଗଜପତି ଜିଲାରେ ଓଡିଶା ଓ ଭାରତ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଉକ୍ତ ରଥକୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପତାକା ଦେଖାଇ ଜିଲାପାଳ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରିଛନ୍ତି। ରଥଗୁଡିକ ଜିଲାର ୭ଟି ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ଚାଷୀମାନଙ୍କୁ ଫସଲ ବୀମା ବିଷୟରେ ସଚେତନ କରାଇବ। ଚାଷୀମାନେ କିପରି ଭାବେ ନିଜ ଫସଲକୁ ବୀମାଭୁକ୍ତ କରିପାରିବେ ସେ ନେଇ ଅବଗତ କରାଇବ। ଧାନ, ମାଣ୍ଡିଆ, ଚିନାବାଦାମ, କପା ଓ ମକା ଫସଲ ବୀମାକୁ ଚାଷୀମାନେ ବୀମାଭୁକ୍ତ କରିପାରିବେ। ଏଥିପାଇଁ ବିଭିନ୍ନ ଫସଲ ପାଇଁ ଭିନ୍ନ ଭିନ୍ନ ପ୍ରିମିୟମ ପରିମାଣ


ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

ଧାର୍ଯ୍ୟ କରାଯାଇଅଛି। ଧାନ ହେକ୍ଟର ପିଛା ବୀମା ପ୍ରିମିୟମ ୧୩୬୫ଟଙ୍କା, ମାଣ୍ଡିଆ ହେକ୍ଟର ପିଛା ୪୭୬ ଟଙ୍କା, କପା ହେକ୍ଟର ପିଛା ୩୫୨୫ଟଙ୍କା ଚିନା ବାଦାମ ହେକ୍ଟର ପିଛା ୧୨୩୦ଟଙ୍କା, ମକା ଲାଗି ହେକ୍ଟର ପିଛା ୧୪୫୦ଟଙ୍କା ପ୍ରିମିୟମ ଦେବାକୁ ହେବ। ସଚେତନତା ରଥ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଗଡ଼ିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ଚନ୍ଦ୍ର ବେହେରା, କୃଷି ଜିଲା ଅଧିକାରୀ ଇର୍ଜିନିଆସ ପ୍ରଧାନ,ସହକାରୀ କୃଷି ଅଧିକାରୀ ସୁରଜ କୁମାର ପାତ୍ର, ଏଚଡିଏଫସି, ଏରଜିଓ ବୀମା କମ୍ପାନୀର ଅତୁଲ କୁମାର ଏବଂ ଶିବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ

**ପାତ୍ରପୁର,୭।୭(ଡି.ଏନ.ଏ.)**

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାମନ୍ତିଆପଲ୍ଲୀ ବନାଞ୍ଚଳ ପକ୍ଷରୁ ବାଦପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ୭୩ତମ ବନମହୋତ୍ସବ ପାଳନ କରାଯାଇଛି। ରେଞ୍ଜର ମନୋଜ କୁମାର ପାତ୍ରଙ୍କ ସହଯୋଗରେ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଶର୍ମିଳା ରାଉତ, ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଔଷଧୀୟ ବୃକ୍ଷ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ରତନ କୁମାର ବେହେରା, ଶିକ୍ଷକ ସନାତନ ପରିଡା, ରାଜୀବ ଦଳାଇଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

